# NATIONAL NEWS BULLETIN (ODIA)

**22 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ରାଜସ୍ଥାନର ବିକାନେରସ୍ଥିତ ପୁନଃ ବିକଶିତ ଦେଶନକ ରେଳଷ୍ଟେସନକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।

- ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ସର୍ବସମ୍ମୁଖକୁ ଆଣିବା ଉଦ୍ଦେଶ୍ୟରେ ଆଜି ୫ ଟି ରାଷ୍ଟ୍ର ଅଭିମୁଖେ ଯାତ୍ରା ଆରମ୍ଭ କଲେ ସର୍ବଦଳୀୟ ପ୍ରତିନିଧି ଦଳ ।

- ସାରାଦେଶରେ ଆଜି ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ୧୦୩ଟି ଅମୃତ ଷ୍ଟେସନ୍‌ର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ସଂଧ୍ୟାରେ ମୁହାଁମୁହିଁ ହେବେ ଗୁଜୁରାଟ ଟାଇଟନ୍‌ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ।

## ପିଏମ୍ ଭିଜିଟ୍ ବିକାନର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ବିକାନେରସ୍ଥିତ ପୁନଃ ବିକଶିତ ଦେଶନକ ରେଳଷ୍ଟେସନକୁ ଉଦ୍‌ଘାଟନ କରିଛନ୍ତି । ସେ ମଧ୍ୟ ବିକାନେର ମୁମ୍ବଇ ଏକ୍ସପ୍ରେସ୍ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ବିକାନେର ନିକଟ ଦେଶନକସ୍ଥିତ ପ୍ରସିଦ୍ଧ କର୍ଣ୍ଣିମାତା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ ।

ବିକାନରରେ ଏହି ଅବସରରେ ଆୟୋଜିତ ଜନସଭାରେ ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୂରରେ ଭାରତ ସନ୍ତ୍ରାସବାଦୀଙ୍କ ଆଡ୍ଡା ସ୍ଥଳୀଗୁଡ଼ିକୁ ଧ୍ୱଂସ କରି ପାକିସ୍ତାନକୁ ଠିକଣା ଜବାବ ଦେଇଥିବା କହିଛନ୍ତି । ଭାରତ ବିପକ୍ଷରେ ସିଧାସଳଖ ଯୁଦ୍ଧ କରି ପାକିସ୍ତାନ କେବେବି ଜିତିପାରିବ ନାହିଁ । ସେଥିପାଇଁ  ସନ୍ତ୍ରାସବାଦକୁ ପ୍ରୋତ୍ସାହିତ କରି ପାକିସ୍ତାନ ସବୁବେଳେ ଭାରତ ବିପକ୍ଷରେ ଛାୟା ଯୁଦ୍ଧ ଚଲାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM-ON-SINDOOR--CUT-1)**

ପ୍ରଧାନମନ୍ତ୍ରୀ ପହେଲଗାମ ଆକ୍ରମଣ ପ୍ରସଙ୍ଗରେ କହିଛନ୍ତି ଯେ ସନ୍ତ୍ରାସବାଦୀଙ୍କୁ ମୂଳୋତ୍ପାଟନ  କରିବା ପାଇଁ ଦେଶବାସୀ ଦୃଢ଼ ସଂକଳ୍ପ ନେଇଥିଲେ ।

**V/O (PM-ON-SINDOOR--CUT-2)**

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୨୬ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ରେଳବାଇର ବିଦ୍ୟୁତ୍‌କରଣ ପ୍ରକଳ୍ପ, ସଡ଼କ ଭିତ୍ତିଭୂମି ଓ ସ୍ୱଚ୍ଛ ଶକ୍ତି ଉତ୍ସ ଆଦି ରହିଛି ।

ପ୍ରଧାନମନ୍ତ୍ରୀ ଆଜି ଭର୍ଚୁଆଲ ମାଧ୍ୟମରେ ଦେଶର ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୬ଟି ଜିଲ୍ଲାରେ ୧୦୩ଟି ଅମୃତ ଷ୍ଟେସନର ଉଦ୍‌ଘାଟନ କରିଛନ୍ତି । ଏଥିପାଇଁ ୧ହଜାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ଷ୍ଟେସନଗୁଡ଼ିକ ମଧ୍ୟରେ ୧୯ଟି ଷ୍ଟେସନ୍ ଉତ୍ତର ପ୍ରଦେଶରେ ରହିଛି । ଯାତ୍ରୀମାନଙ୍କୁ ସୁଖଦ ଯାତ୍ରା ଅନୁଭୂତି ଦେବାଲାଗି

ନୂତନଭାବେ ନିର୍ମିତ ଓ ବିକଶିତ ଅମୃତ ଷ୍ଟେସନ୍‌ଗୁଡ଼ିକରେ ସ୍ୱତନ୍ତ୍ର ସୁବିଧା କରାଯାଇଛି ।

ଉତ୍ତର ପ୍ରଦେଶର ବିଜ୍‌ନର୍, ସାହାରନ୍‌ପୁର ଜଙ୍କ୍‌ସନ୍, ଗୋବର୍ଦ୍ଧନ, ଫତେହାବାଦ, ଗୋବିନ୍ଦପୁରୀ, ଇଜ୍ଜତ ନଗର, ବରେଲି ସିଟି ଏବଂ ବଲରାମପୁର ଷ୍ଟେସନ୍‌ଗୁଡ଼ିକୁ ଅମୃତ ଭାରତ ଯୋଜନାରେ ବିକଶିତ କରାଯାଇଛି । ଏଥିରେ ଯାତ୍ରୀମାନେ ଯେଭଳି ଅଧିକ ସୁବିଧା ସୁଯୋଗ ପାଇବେ, ସେନେଇ ବ୍ୟବସ୍ଥା କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ବିଜ୍‌ନର୍ ରେଳ ଷ୍ଟେସନ୍‌ରେ ଶୀତାତପ ନିୟନ୍ତ୍ରିତ ପ୍ରତୀକ୍ଷା କୋଠରୀ ନିର୍ମାଣ କରାଯାଇଥିବାବେଳେ ସ୍ୱତନ୍ତ୍ର ପାର୍କିଂ ଏରିଆ, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ସହ ଅଗ୍ନି ନିର୍ବାପକ ବ୍ୟବସ୍ଥା ମଧ୍ୟ କରାଯାଇଛି । ବିଶେଷଭାବେ ଦିବ୍ୟାଙ୍ଗମାନଙ୍କପାଇଁ ର୍‍ୟାମ୍ପ୍ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ଆଧୁନିକ ନିର୍ମାଣ କୌଶଳରେ ସ୍ଥାନୀୟ ଅଞ୍ଚଳର ସଂସ୍କୃତିକୁ ଆଜି ଉଦ୍‌ଘାଟିତ ହେବାକୁ ଥିବା ଅମୃତ ଷ୍ଟେସନ୍‌ଗୁଡ଼ିକରେ ସ୍ଥାନିତ କରାଯାଇଛି ।

## ଇଏମ୍ ପାକ୍ ଇଣ୍ଟରଭ୍ୟୁ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର କହିଛନ୍ତି ଅପରେସନ ସିନ୍ଦୂରରେ ଅସ୍ତ୍ରବିରତି ପ୍ରସଙ୍ଗ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରତ୍ୟେକ୍ଷ ଭାବେ ବୁଝାମଣା ହୋଇଥିଲା । ନେଦରଲ୍ୟାଣ୍ଡର ଏକ

ପ୍ରସାରଣ ସଂସ୍ଥାକୁ ସାକ୍ଷାତ୍‌କାର ଅବସରରେ ଡକ୍ଟର ଜୟଶଙ୍କର କହିଛନ୍ତି ଆମେରିକାର ସଚିବ ମାର୍କୋ ରୁବିଓ ତାଙ୍କ ସହ ଆଲୋଚନା କରୁଥିବାବେଳେ ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଥିଲେ । ବୈଦେଶିକ ମନ୍ତ୍ରୀ ଏହା ସ୍ପଷ୍ଟ କରିଛନ୍ତି ଆମେରିକା ସମେତ ସମସ୍ତ ଦେଶ ପାଇଁ ଏହା ଏକ ବାର୍ତ୍ତା, ଯଦି ପାକିସ୍ତାନ ଗୁଳିଚାଳନା ବନ୍ଦ ରଖାଯିବାକୁ ଚାହୁଁଛି ତେବେ ସେହିଦେଶ ପ୍ରଥମେ ଭାରତକୁ ଅବଗତ କରାଇବା ଆବଶ୍ୟକ ।

ସେ କହିଛନ୍ତି ଚଳିମାସ ୧୦ ତାରିଖରେ ପାକିସ୍ତାନର ପ୍ରତିରକ୍ଷା ବ୍ୟବସ୍ଥା ଏବଂ ବିମାନଘାଟୀ ଗୁଡ଼ିକ ଉପରେ ଭାରତ ପକ୍ଷରୁ ହୋଇଥିବା ଆକ୍ରମଣକୁ ପାକିସ୍ତାନର ସେନା ଗ୍ରହଣ କରିବାକୁ ବାଧ୍ୟ ହୋଇଛି ଏବଂ ପରେ ଦୁଇଦେଶ ଗୁଳିଗୋଳା ବିନିମୟ ବନ୍ଦ ରଖିଛନ୍ତି । ସେ କହିଛନ୍ତି ଯଦି ପହଲଗାମ ପରି ଆତଙ୍କୀ ଘଟଣା ପୁଣି ଘଟେ ତେବେ ଭାରତ ଏହାର କଡ଼ା ଜବାବ ଦେବ ।

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶରେ ଥିବା ଭାରତୀୟଙ୍କ ସହ ଭାବବିନିମୟ କରିବେ। ଏହା ହେବ 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୨୨ତମ ସଂସ୍କରଣ। ଇଚ୍ଛୁକ ବ୍ୟକ୍ତିମାନେ ଟୋଲ୍ ଫ୍ରି

ନମ୍ବର- ୧୮୦୦-୧୧-୭୮୦୦ ମାଧ୍ୟମରେ ସେମାନଙ୍କର ମତାମତ ଏବଂ ପରାମର୍ଶ ପଠାଇପାରିବେ। ନରେନ୍ଦ୍ର ମୋଦୀ ଆପ୍ କିମ୍ବା mygov ଓପନ୍ ଫୋରମ୍ ମାଧ୍ୟମରେ ମଧ୍ୟ ଅନଲାଇନ୍‌ରେ ମତାମତ ଉପସ୍ଥାପନ କରାଯାଇପାରିବ । ଏଥିପାଇଁ ଆସନ୍ତା କାଲି ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି ।

## ଅଲ୍ ପାର୍ଟି ଡେଲିଗେସନ ଭିଜିଟ୍

ଭାରତର ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ଆଜି ଡିଏମ୍‌କେ ସାଂସଦ କାନି ମୋଝି କରୁଣାନିଧିଙ୍କ ନେତୃତ୍ୱରେ ତୃତୀୟ ସର୍ବଦଳୀୟ ପ୍ରତିନିଧି ଦଳ ୫ଟି ରାଷ୍ଟ୍ର ଅଭିମୁଖେ ଯାତ୍ରା କରିଛନ୍ତି । ସେମାନେ ସ୍ପେନ୍, ଗ୍ରୀସ୍, ସ୍ଲୋଭେନିଆ, ଲାଟଭିୟା ଏବଂ ରୁଷ୍ ଗସ୍ତ କରିବେ । ଗସ୍ତ ପୂର୍ବରୁ ଶ୍ରୀମତୀ କାନି ମୋଝି କହିଛନ୍ତି ସନ୍ତ୍ରାସବାଦ ବିରୁଦ୍ଧରେ ସମସ୍ତଙ୍କୁ ଏକାଠି ରହି ଲଢ଼ିବାକୁ ହେବ । ସାରା ବିଶ୍ୱକୁ ସନ୍ତ୍ରାସବାଦ ଯୋଗୁଁ ଭାରତରେ ଘଟିଥିବା ଜୀବନହାନି ସମ୍ପର୍କରେ ସେମାନେ ଜଣାଇବେ ବୋଲି ସେ କହିଛନ୍ତି ।

ଗତକାଲି ଦୁଇଟି ସର୍ବଦଳୀୟ ପ୍ରତିନିଧି ଦଳ ୯ଟି ରାଷ୍ଟ୍ର ଅଭିମୁଖେ ଯାତ୍ରା କରିଛନ୍ତି। ଜେଡିୟୁ ସାଂସଦ ସଞ୍ଜୟ କୁମାର ଝା'ଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧି ଦଳ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଜାପାନ ଓ ସିଙ୍ଗାପୁର ଗସ୍ତ କରିବେ। ଇତିମଧ୍ୟରେ ସଞ୍ଜୟ ଝା'ଙ୍କ ନେତୃତ୍ୱାଧୀନ ଦଳ ଜାପାନର ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି । ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ

ନେତୃତ୍ୱାଧୀନ ଅନ୍ୟ ଏକ ସର୍ବଦଳୀୟ ପ୍ରତିନିଧି ଦଳ ସଂଯୁକ୍ତ ଆରବ ଏମିରେଟ୍ସରେ ପହଞ୍ଚି ସାରିଛନ୍ତି । ସେମାନେ ଲାଇବେରିଆ, କଙ୍ଗୋ ଏବଂ ସିଏରା ଲିଓନ ଗସ୍ତ କରିବେ । ଆତଙ୍କବାଦ କାର୍ଯ୍ୟକଳାପ ବିରୋଧରେ ଦେଶର ଦୃଢ଼ ଆଭିମୁଖ୍ୟକୁ ବିଶ୍ୱ ନେତୃବୃନ୍ଦଙ୍କୁ ଅବଗତ କରାଇବା ହେଉଛି ଏହି ପ୍ରତିନିଧି ଦଳ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଗସ୍ତ ପୂର୍ବରୁ ସାଂସଦ ସଞ୍ଜୟ ଝା କହିଛନ୍ତି, ଆତଙ୍କବାଦ ହେଉଛି ପାକିସ୍ତାନର ଜାତୀୟ ନୀତି । ତେଣୁ ଇସ୍‌ଲାମାବାଦ କିଭଳି ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି, ସେ ସମ୍ପର୍କରେ ପ୍ରତିନିଧି ଦଳ ବିଶ୍ୱକୁ ଅବଗତ କରାଇବ ।

ସୂଚନାଯୋଗ୍ୟ, ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ଭାରତ ବିଶ୍ୱ ସମୁଦାୟକୁ ଅବଗତ କରାଇବା ଲାଗି ଏହି ଅଭିଯାନ ଜାରି ରଖିଛି। ଏଥିପାଇଁ ୭ଟି ବହୁ ଦଳୀୟ ପ୍ରତିନିଧି ଦଳ ଗଠନ କରାଯାଇଛି। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ଦୃଢ଼ ଆଭିମୁଖ୍ୟ ପୋଷଣ କରିବା ସହ ଶୂନ୍ୟ ସହନଶୀଳତାର ବାର୍ତ୍ତା ଦେବା ପାଇଁ ଏହି ସବୁ ପ୍ରତିନିଧି ମଣ୍ଡଳୀ ଆସନ୍ତା ମାସ ୫ ତାରିଖ ସୁଦ୍ଧା ମୋଟ୍ ୩୨ଟି ଦେଶ ଗସ୍ତ କରିବେ।

## ସ୍ପେଶାଲ ଫିଚର - ପରମବୀର ଚକ୍ର

ଆତଙ୍କବାଦ ବିରୁଦ୍ଧରେ ଅପରେସନ ସିନ୍ଦୂରର ସଫଳତା ପରେ ସାରା ଦେଶ ଭାରତୀୟ ସେନାର ବୀରତ୍ୱ ଏବଂ ସାହସ ପ୍ରତି ସମ୍ମାନ ପ୍ରଦର୍ଶନ କରୁଛି । ସଶସ୍ତ୍ର ବାହିନୀ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ସମାଚାର ପକ୍ଷରୁ ଏକ ବିଶେଷ ଫିଚର ଉପସ୍ଥାପନା କରାଯାଉଛି । ଏହି କ୍ରମରେ ଆଜି

ପରମବୀର ଚକ୍ର ବିଜେତା  ସେକେଣ୍ଡ ଲେଫ୍‌ଟନାଣ୍ଟ ଅରୁଣ କ୍ଷେତ୍ରପାଳଙ୍କ ବିଷୟରେ ଆସନ୍ତୁ ଜାଣିବା । ୧୯୭୧ ଭାରତ-ପାକ୍ ଯୁଦ୍ଧରେ ଅରୁଣ କ୍ଷେତ୍ରପାଳ ଅଦମ୍ୟ ସାହସ ପ୍ରଦର୍ଶନ କରି ଦେଶପାଇଁ ପ୍ରାଣବଳି ଦେଇଥିଲେ ।

୧୯୫୦ ମସିହାରେ ମହାରାଷ୍ଟ୍ରର ପୁଣେରେ ଜନ୍ମଗ୍ରହଣ କରିଥିବା ସେକେଣ୍ଡ ଲେଫ୍‌ଟନାଣ୍ଟ ଅରୁଣ କ୍ଷେତ୍ରପାଳ ୧୯୭୧ ଜୁନ୍ ମାସରେ ପୁନା ହର୍ସ ରେଜିମେଣ୍ଟରେ ଯୋଗ ଦେଇଥିଲେ । ମାତ୍ର ୨୧ ବର୍ଷ ବୟସରେ ଭାରତ-ପାକ୍ ଯୁଦ୍ଧରେ ସେ ଅତୁଳନୀୟ ପ୍ରଦର୍ଶନ କରିଥିଲେ । ୧୯୭୧ ମସିହା ଡିସେମ୍ବେର ୧୬ ତାରିଖରେ ଶତ୍ରୁପକ୍ଷର ଆକ୍ରମଣ ଜୋର୍‌ଦାର ହୋଇଥିଲା ଏବଂ ସକରଗଡ଼ ସେକ୍ଟରର ଜରପାଲ୍‌ରେ ଆକ୍ରମଣ କରାଯାଇଥିଲା । ଅରୁଣ କ୍ଷେତ୍ରପାଳ ନିଜ ଦଳ ସହ ନିକଟବର୍ତ୍ତୀ ସ୍ଥାନରେ ମୁତୟନ ହୋଇଥିଲେ । ତାଙ୍କ ପାଖରେ ୨ଟି ଟ୍ୟାଙ୍କ୍ ଥିଲା । ଅନ୍ୟ ଏକ ରେଜିମେଣ୍ଟ୍‌ରୁ ସହାୟତା ଲାଗି ଖବର ଆସିବା ପରେ ଅରୁଣ ତୁରନ୍ତ ଏହାର ଜବାବ ଦେଇଥିଲେ ଏବଂ ଆକ୍ରମଣ ହେଉଥିବା ସ୍ଥାନକୁ ନିଜ ଦଳବଳ ସହ ଯାତ୍ରା ଆରମ୍ଭ କରିଥିଲେ । ନିଜ ଟିମ୍ ସହ ଯାଉଥିବାବେଳେ ସେ ମଧ୍ୟ ଆକ୍ରମଣର ସମ୍ମୁଖୀନ ହୋଇଥିଲେ । ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବା ପରେ ସେକେଣ୍ଡ ଲେଫ୍ଟନାଣ୍ଟ ଅରୁଣ କ୍ଷେତ୍ରପାଳ ଏବଂ ତାଙ୍କ ଦଳର ଅନ୍ୟ ସଦସ୍ୟମାନେ ଶତ୍ରୁପକ୍ଷ ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ । ଶତ୍ରୁପକ୍ଷର ଅନେକ ସଦସ୍ୟଙ୍କୁ ସେ ଠାବ କରିବାରେ ସକ୍ଷମ ହୋଇଥିଲେ ।

ଗୁଳିଗୋଳା ବିନିମୟ ସମୟରେ ଅରୁଣଙ୍କ ଦଳର କମାଣ୍ଡରଙ୍କର ମୃତ୍ୟୁ ଘଟିଥିଲା । ସେ ଏକାକୀ ଶତ୍ରୁପକ୍ଷ ଉପରେ ଆକ୍ରମଣ ଜାରି ରଖିଥିଲେ ଏବଂ ଶତ୍ରୁପକ୍ଷକୁ ସାହସର ସହିତ ମୁକାବିଲା କରିବାରେ ସକ୍ଷମ ହୋଇଥିଲେ । ଏଥିରେ ଶତ୍ରୁପକ୍ଷର ୧୦ଟି ଟ୍ୟାଙ୍କ୍‌କୁ ସେ ଧ୍ୱଂସ କରିଦେଇଥିଲେ । ତେବେ ସେ ଯେଉଁ ଟ୍ୟାଙ୍କ୍‌ରେ କାର୍ଯ୍ୟ କରୁଥିଲେ, ତାହା ଉପରେ ଶତ୍ରୁପକ୍ଷ ଆକ୍ରମଣ କରିଥିଲେ । ସେ ଘଟଣାସ୍ଥଳରେ ଦେଶପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ । ମରଣୋତ୍ତର ଭାବେ ୧୯୭୨ ମସିହାରେ ସେକେଣ୍ଡ ଲେଫ୍ଟନାଣ୍ଟ ଅରୁଣ କ୍ଷେତ୍ରପାଳଙ୍କୁ ପରମବୀର ଚକ୍ର ପ୍ରଦାନ କରାଯାଇଥିଲା । ଦେଶ ତାଙ୍କର ଏହି ମହାନତା ଏବଂ ସର୍ବୋଚ୍ଚ ବଳିଦାନପାଇଁ ସ୍ମରଣ କରୁଛି ।

## ବ୍ୟାଡମିଣ୍ଟନ

କ୍ୱାଲାଲାମପୁରରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି କିଦାମ୍ବି ଶ୍ରୀକାନ୍ତ ଏକକ ବର୍ଗରେ ଓ ଧ୍ରୁବ କପିଳା ଏବଂ ତାନିସା କ୍ରାଷ୍ଟୋଙ୍କ ଯୋଡ଼ି ମିକ୍ସ ଡବଲ୍ସରେ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ସିଙ୍ଗଲ୍ସରେ ଶ୍ରୀକାନ୍ତ ଆର୍ୟାଲାଣ୍ଡର ନାତ୍ ନୁଗେଁଙ୍କୁ ସିଧାସଳଖ ୨ଟି ସେଟ୍‌ରେ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି । ଅନ୍ୟପକ୍ଷରେ ଧ୍ରୁବ କପିଳା ଓ ତାନିସା କ୍ରାଷ୍ଟୋ ଯୋଡ଼ି

ଫ୍ରାନ୍ସର ଜୁଲିଏନ୍ ମାୟୋ ଓ ଲି ପାଲେର୍ମୋଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ।

## ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଗୁଜୁରାଟ ଟାଇଟନ୍‌ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ମଧ୍ୟରେ ମୁକାବିଲାହେବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ମ୍ୟାଚ୍ ଖେଳାଯିବ । ପଏଣ୍ଟ ଟେବୁଲ ଶୀର୍ଷରେ ଥିବା ଗୁଜୁରାଟ ଟାଇଟନ୍ସ ପ୍ଲେ ଅଫ୍‌ରେ ପହଞ୍ଚି ସାରିଛି । ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ୧୦ ପଏଣ୍ଟ ପାଇ ଟେବୁଲର ସପ୍ତମ ସ୍ଥାନରେ ରହିଥିବାବେଳେ ପ୍ଲେଅଫ୍‌ରୁ ବାଦ୍ ପଡିଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସ ଅଣଷଠି ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରି ଚତୁର୍ଥ ତଥା ନିର୍ଣ୍ଣାୟକ ଟିମ୍ ଭାବେ ପ୍ଲେଅଫ୍‌ରେ ପ୍ରବେଶ କରିଛି । ଏଥିସହିତ ଦିଲ୍ଲୀ କ୍ୟାପିଟାଲ୍‌ସ ଆଇ.ପି.ଏଲ୍.ରୁ ବାଦ୍ ପଡ଼ିଛି ।